# Akashvani, Sambalpur

## SAMBALPURI NEWS EVENING BULLETIN

## 11 January 2026 - 7.02 pm- 7.12 pm.

*********************************************

୧- ସମ୍ବଲ୍‌ପୁର୍ ନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର୍ ବର୍ହିବିଭାଗ ସହେତେ ୩ ଟା କୋଠାର ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

- ସହର୍ ଲୁକ୍‌କୁ ପିଇବାର୍ ପାଏନ୍ ଯୁଗେଇ ଦେବାର୍ ଲାଗି ୪ ଶହ ୫୧ କୋଟିନୁ ଅଏତ୍‌କା ଖର୍ଚ୍ଚାଥି ବୃହତ୍ ଜଳ ଯୋଗାଣ ପ୍ରକଳ୍ପର୍ ହେଲା ଭିତିପ୍ରସ୍ତର୍ ଥାପ୍‌ନା ।

୨- ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଆଉ ଜାତୀୟ ଯୁବ ଦିବସ୍ ଅବ୍‌ସରେ ରାଜ୍ୟର୍ ସବୁ ଶିକ୍ଷାନୁଷ୍ଠାନ୍ ନ ଆଏବା କାଏଲ୍ କରାଯିବା ବନ୍ଦେମାତରମ୍‌ର ସାମୂହିକ୍ ଗାନ୍ ।

୩- ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରୀକ୍ଷାପେ ଚର୍ଚ୍ଚା ଆଏବା ସଂସ୍କରଣ୍ ଲାଗି ଆଏଜ୍ ଶେଷ୍ ହେଉଛେ ପଞ୍ଜିକରଣ୍ ।

ଆଉର୍

୪- ଉଦୟଗିରି ଠାନେ ଆଏଜ୍‌ଠାନୁ ମୁଲ୍ ହେଇଛେ ଗୁରୁ ପଦ୍ମସମ୍ଭବ୍ ପ୍ରାର୍ଥନା ସମାରୋହ ଆଉ ଆନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ।

ମୁଖ୍ୟମନ୍ତ୍ରୀ- ସମ୍ବଲ୍‌ପୁର୍        ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମ୍ବଲ୍‌ପୁର୍ ଗସ୍ତର୍ ୨ ନମ୍ବର୍ ଦିନେ ଆଏଜ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ୨୧ କୋଟି ୨୮ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ବର୍ହିବିଭାଗ, ଆଘାତ୍ ଚିକିତ୍ସା କେନ୍ଦ୍ର, ଗୁରୁତର୍ ଚିକିତ୍ସା ବିଭାଗ୍ ଆଉ ସମ୍ମିଳନୀ କୋଠା ଉଦ୍‌ଘାଟନ୍ କରିଛନ୍ । ଇତାର୍‌ସହେତେ ୨ କୋଟି ୫୩ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ସିଏସ୍‌ଏସ୍‌ଡି ନୂଆଁକୋଠାର୍ ଶୁଭାରମ୍ଭ କରିଛନ୍ । ଘଟୁଥିବା ଦୁର୍ଘଟଣାକେ ନଜର୍‌ଥି ରଖିକରି ବିଭାଗ୍ ନ ସବୁ ଅତ୍ୟାଧୁନିକ୍ ମିସିନ୍ ବ୍ୟବସ୍ଥା କରାଯାଇଛେ । ରାଜ୍ୟର୍ ୮୯ ଟା ଜାଗା ନ ଆଏବା ଦିନେ ଟ୍ରମା କେୟାର୍ ୟୁନିଟ୍ ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇତାର୍‌ଛଡ଼ା ଆଏଜ୍ ସହର୍‌ବାସୀଙ୍କୁ ୨୪ ଘଂଟିଆ ସଫା ପିଇବାର୍ ପାଏନ୍ ଯୁଗେଇ ଦେବାର୍ ଲାଗି ୪ ଶହ ୫୧ କୋଟି ୨୪ ଲାଖ୍ ଟଙ୍କା ଖର୍ଚ୍ଚାଥି ଗୁଟେ ବୃହତ୍ ଜଳଯୋଗାଣ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଭିଲ୍ ମୁଖ୍ୟମନ୍ତ୍ରୀ ଥାପ୍‌ନା କରିଛନ୍ । ପ୍ରକଳ୍ପ ଅଧୀନ୍‌ଥି ସହର୍ ଭିତ୍‌ରେ ପାଖାପାଖି ୩ ଶହ ୪୦ କିଲୋମିଟର୍ ଲମ୍ବା ପାଏନ୍ ପାଇପ୍ ଲାଇନ୍ ବିଛାଯିବା । ପ୍ରକଳ୍ପ ପୁରା ହେବାର୍ ଉତ୍‌ରୁ ଦିନ୍‌କ ଶହେ ମିଲିୟନ୍ ଲିଟର୍ ପିଇବାର୍ ପାଏନ୍ ଫିʼ ଘର୍‌କେ ପୁହୁଁଚାଯିବା । ଖରାଦିନେ ପାଖାପାଖି ୩ କୋଟି ଲିଟର୍

ପାନିର୍ ଅଭାବ୍‌କେ ଇ ପ୍ରକଳ୍ପ ପୁରା କରିପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପ୍ରକଳ୍ପ ଜରିଏ ସହରର୍ ୪୧ ଟା ଓ୍ୱାର୍ଡ଼ର୍ ପାଖାପାଖି ୫ ଲାଖ୍ ଲୋକ୍ ଉପକୃତ୍ ହେବେ । କେନ୍ଦ୍ର ସର୍‌କାର୍‌ଙ୍କର୍ ୨ ନମ୍ବର୍ ଖେପ୍ ଅମୃତ୍ ଯୋଜ୍‌ନା ଅଧୀନ୍‌ଥି ଇ ପ୍ରକଳ୍ପ ମୁଲ୍ କରାଯାଇଛେ । ଇଟାର୍ ଜରିଏ ପିଇବାର୍ ପାଏନ୍ ସମସ୍ୟାର୍ ସମାଧାନ୍ ହେବାର୍ ସହେତେ ଇଲାକାର୍ ଲୁକ୍‌କର୍ ଜୀବନ୍ ଧାରଣ୍‌ର ମାନଥି ଉନ୍ନତି ଆସ୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍ , ପାନୀୟଜଳ ଆଉ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର, ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ବନ୍ଦେ ମାତରମ୍ ଗାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଆଉ ଜାତୀୟ ଯୁବ ଦିବସ୍ ଅବ୍‌ସରେ ଆଏବା କାଏଲ୍ ରାଜ୍ୟର୍ ସବୁ ବିଦ୍ୟାଳୟ, ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ନ ବନ୍ଦେ ମାତରମ୍‌ର ସାମୂହିକ୍ ଗାନ କରାଯିବା । ଇଥିର୍‌ଲାଗି ଓଡ଼ିଆ

ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍ଫୁ ସବୁ ଜିଲ୍ଲାପାଲ୍‌ମାନ୍‌କୁ ଚିଠି କରାଯାଇଛେ । ବିଭାଗ୍‌ର ନିର୍ଦ୍ଦେଶ୍ ଅନ୍‌ସାରେ ସଖାଲର୍ ୧୧ ବଜେ ଶିକ୍ଷାନୁଷ୍ଠାନ୍ ପରିସର୍ ନ ଛାତ୍ରଛାତ୍ରୀ, ଶିକ୍ଷକ୍, ଶିକ୍ଷୟିତ୍ରୀ ସଭେ ଏକ୍‌ଠାନିଆ ହେଇକରି ବନ୍ଦେ ମାତରମ୍ ଗାଏବେ ।

ରାଉର୍‌କେଲା ଦୁର୍ଘଟଣା ଆର୍‌ଏନ୍‌ୟୁ/ କଟକ୍

ରାଉର୍‌କେଲା ବିମାନ୍ ଦୁର୍ଘଟଣା ଜାଗା ନ ଆଏଜ୍ ବିମାନ୍ ଦୁର୍ଘଟଣା ଅନୁସନ୍ଧାନ୍ ବ୍ୟୁରୋ ଆଉ ବେସାମରିକ୍ ବିମାନ୍ ଚଲାଚଲ୍ ମହାନିର୍ଦ୍ଦେଶାଳୟର୍ ଗୁଟେ ଦଲ୍ ପହଁଚିକରି ତଦନ୍ତ୍ ମୁଲ୍ କରିଛେ । ପରିବହନ୍ ସଚିବ ଉଷା ପାଢ଼ୀ ଭିଲ୍ ଘଟ୍‌ନାସ୍ଥଲ୍ ନ ପୁହୁଁଚିଛନ୍ । ତାଙ୍କର୍ ସହେତେ ବିଭାଗୀୟ ବରିଷ୍ଠ ଅଧିକାରୀ ଆଉ ୨ ଝନିଆ ଡାକ୍ତରୀ ଦଲ୍ ଗସ୍ତ କରିଛନ୍ । ଦୁର୍ଘଟଣାର୍ କାରଣ୍‌କେ ନେଇକରି ତଦନ୍ତ୍‌କାରୀ ଦଲ୍ ତର୍ଫୁ ଟିକ୍‌ନିକ୍ ଯାଂଚ୍ କରାଯାଉଛେ । ବିମାନ୍ ଦୁର୍ଘଟଣାର୍ ଥିତି ଉପ୍‌ରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନଜର୍ ରଖିବାର୍ ସହେତେ ଆହତ୍‌ମାନ୍‌କୁ ସବୁ ପ୍ରକାରର୍ ସହଯୋଗ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ବଲି ସଚିବ ଶ୍ରୀମତୀ ପାଢ଼ୀ କହିଛନ୍ । ଆହତ୍‌ମାନ୍‌କର୍ ସ୍ୱାସ୍ଥ୍ୟ ଅବସ୍ଥା ଯାଂଚ୍ ଲାଗି ୨ ଝନିଆ ଡାକ୍ତରୀ ଦଲ୍ ଚିକିତ୍ସାଳୟକେ ଯାଇଛନ୍ । ଦୁର୍ଘଟଣାଥି ଆହତ୍

ଯାତ୍ରୀମାନ୍‌କର୍ ଭିତ୍‌ରୁ ୨ ଝନ୍ ବ୍ୟକ୍ତିଗତ ଭାବେ ଅନୁରୋଧ୍ କରିଥିବାର୍‌ନୁ ସେମାନ୍‌କର୍ ଚିକିତ୍ସା ଲାଗି ମୁମ୍ବାଇକେ ଏୟାର୍ ଲିଫ୍ଟ କରାଯାଇଛେ । ସବୁ ଆହତ୍ ଯାତ୍ରୀମାନ୍‌କର୍ ସ୍ୱାସ୍ଥ୍ୟ ଅବସ୍ଥା ଥିର୍ ରହିଛେ ବଲି ବେସାମରିକ ବିମାନ୍ ଚଲାଚଲ୍ ମହାନିର୍ଦ୍ଦେଶାଳୟ ତର୍‌ଫୁ ଜାରି ହେଇଥିବା ପ୍ରେସ୍ ବିଜ୍ଞପ୍ତିଥି କୁହାଯାଇଛେ ।

ପ୍ରଗତି ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଗତିର୍ ୫୦ ନମ୍ବର୍ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଭିନ୍ ଭିନ୍ ଯୋଜ୍‌ନାର୍ ସମୀକ୍ଷା କର୍‌ବାର୍ ସହେତେ ଅଭିଯୋଗ୍ ଶୁନିଥିଲେ । ୨୦୧୫ ମସିହାନୁ ମୁଲ୍ କରାଯାଇଥିବା ପ୍ରଗତି ଅଧୀନ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ୫୩ ଟା ଶକ୍ତି ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ଡେରି ହେଉଥିବା ପ୍ରକଳ୍ପମାନ୍‌କୁ ତୁର୍‌ତି କାମ୍ ଶେଷ୍ କର୍‌ବାର୍ ଲାଗି ଦର୍‌କାର୍ ଅନ୍‌ସାରେ ସାହାଜ୍ ଭିଲ୍ ଯୁଗେଇ ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ପ୍ରଗତି ଜରିଏ ପ୍ରଧାନ୍‌ମନ୍ତ୍ରୀ ସିଧାସଲଖ୍ ଦେଶର୍ ପ୍ରମୁଖ ଭିତିଭୂମି ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କର୍‌ବାର୍ ସହେତେ ଲୁକ୍‌କର୍ ଅଭିଯୋଗ୍ ଶୁନିକରି ସମାଧାନ୍ କରିଛନ୍ । ପ୍ରଗତି ଜରିଏ କେନ୍ଦ୍ର, ରାଜ୍ୟ ସର୍‌କାର୍ ଆଉ କେନ୍ଦ୍ରର୍ ମନ୍ତ୍ରଣାଳୟ ମାନେ ଗୁଟେ ଠାନେ ଜୁଡ଼ି ହେଇକରି ଦେଶର୍ ବିକାଶ୍ ଦିଗେ କାମ୍ କରୁଛନ୍ ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ୍ ଲାଗି ଆଏଜ୍ ପଞ୍ଜିକରଣ୍ ଶେଷ୍ ହେଉଛେ । ଆଏବା ଫେବୃଆରୀ ମାସ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍ ଲାଗି ଏବ୍‌ତକ୍ ୪ କୋଟିନୁ ଅଏତ୍‌କା ପଞ୍ଜିକରଣ୍ ହେଇକରି ଗୁଟେ ନୂଆଁ ଅଂଶଗ୍ରହଣ୍ ରେକର୍ଡ୍ ହେଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଇ ପଦକ୍ଷେପ୍ ବାବ୍‌ଦେ କହିଛନ୍, ବାର୍ଷିକ୍ ଆଲୋଚନାନୁ ଇଟା ସାରା ଦେଶେ ଗୁଟେ ଆନ୍ଦୋଲନ୍‌ଥି ପରିଣତ୍ ହେବାର୍ ସହେତେ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଚାପମୁକ୍ତ ପରୀକ୍ଷା ପରିବେଶ୍‌କେ ତହଁକଉଛେ । ଛାତ୍ରଛାତ୍ରୀମାନେ ନିଜ୍‌କୁ ପରୀକ୍ଷା ଯୋଦ୍ଧା ଭାବେ ଇ ବଛ୍‌ରର୍ ସଂସ୍କରଣ୍‌ଥି ସକ୍ରିୟ ଭାବେ ଯୋଗ୍ ଦେବାର୍ ସହେତେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ମାର୍ଗଦର୍ଶନ୍‌ନୁ ଲାଭ୍ ନେବାର୍‌କେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଆନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରତ୍ନଗିରି-ଉଦୟଗିରି- ଲଳିତ୍‌ଗିରି ହୀରକ ତ୍ରିଭୁଜର ଉଦୟଗିରି ଠାନେ ଆଏଜ୍ ଉପର୍‌ବେଲା ବୁଦ୍ଧ ପୀଠ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସମାରୋହର୍ ଦୁଇ ନମ୍ବର୍ ସଂସ୍କରଣ୍ ଆଉ

ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ମୁଲ୍ ହେଇଛେ । ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍, ପର୍ଯ୍ୟଟନ୍ ବିଭାଗ୍ ଆଉ ଲାଇଟ୍ ଅଫ୍ ବୁଦ୍ଧ ଧର୍ମ ଫାଉଣ୍ଡେସନ୍‌ର ଇଂଟର୍‌ନେସ୍‌ନାଲ୍‌ର ମିଲିତ୍ ସହଯୋଗ୍‌ର ହେଇଥିବା ଇ ସମ୍ମିଳନୀ ଆଏବା ୧୬ ତାରିଖ୍‌ତକ୍ ଚାଲ୍‌ବା । ସମ୍ମିଳନୀଥି ୨୫ ଟା ଦେଶର୍ ପାଖାପାଖି ୧୬ ଶହ ପ୍ରତିନିଧି ଯୋଗ୍ ଦେଇଛନ୍ । ଗୁରୁ ପଦ୍ମସମ୍ଭବ୍‌ଙ୍କର୍ ଜୀବନୀ, ବୌଦ୍ଧ ଧର୍ମ ଆଉ ତାର୍ ଶିକ୍ଷା, ବୌଦ୍ଧ ଗ୍ରନ୍ଥ ଉପ୍‌ରେ ଅଏତ୍‌କା ଗବେଷଣାଥି ଇ ସମ୍ମିଳନୀ ସାହାଜ୍ କର୍‌ବା । ବିଦେଶୀ ପର୍ଯ୍ୟଟକ୍‌ମାନେ ଲଳିତ୍‌ଗିରି ଆଉ ରତ୍ନଗିରି ବୌଦ୍ଧପୀଠକେ ବୁଲ୍‌ବାର୍‌କେ ଯିବେ । ଇଥିର୍‌ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ବନ୍ଦୋବସ୍ତ କରାଯାଇଛେ ।

ଶିଶିର ସରସ ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଶିଶିର ସରସ ମେଳା -୨୦୨୬ ଥି ଲୋକ୍‌ମାନ୍‌କର୍ ଜବର୍ ଭିଡ଼୍ ହେଉଛେ । ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆୟୋଜନ୍ କରାଯାଉଥିବା ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଆଉ ଦେଶର୍ ବଡ଼ ବଡ଼ କଲାକାର୍‌ମାନେ ଯୋଗ୍ ଦେଉଛନ୍ । ଆଏଜ୍ ପ୍ରସିଦ୍ଧ ବଲିଉଡ଼୍ ଗାୟକ୍ ଶ୍ରୀ ଦିବ୍ୟକୁମାର୍ ସଂଗୀତ୍ ପରିବେଷଣ୍

କରୁଛନ୍ । ତାଙ୍କୁ ଦେଖ୍‌ବାର୍ ଲାଗି ବହୁତ୍‌ଟେ ଭିଡ୍ ହେଇଛେ ।

ଏମ୍‌କେସିଜ-ପିଜି ସିଟ୍ ହି.ସ.

ବ୍ରହ୍ମପୁର୍‌ର ମହାରାଜା କୃଷ୍ଣଚନ୍ଦ୍ର ଗଜପତି - ଏମ୍‌କେସିଜି ମେଡ଼ିକାଲ୍ କଲେଜ୍ ନ ୧୯ ଟା ପିଜି ସିଟ୍ ବଢ଼ିଛେ । ଇ ବାବ୍‌ଦେ ରାଜ୍ୟ ମେଡ଼ିକାଲ୍ ଶିକ୍ଷା ଆଉ ତାଲିମ୍ ନିର୍ଦ୍ଦେଶକ୍ ଡିଏମ୍‌ଇଟି ତର୍‌ଫୁ ଚିଠି ଜରିଏ କଲେଜ୍ କର୍ତ୍ତୃପକ୍ଷଙ୍କୁ ଜନେଇ ଦିଆଯାଇଛେ । କାର୍ଡିଓଲୋଜି ବିଭାଗ୍‌ଥି ୨ ଟା, ଏଣ୍ଡୋକ୍ରାଇନୋଲୋଜି ବିଭାଗ୍‌ଥି ୨ ଟା, ଜେନେରାଲ୍ ସର୍ଜରୀ ବିଭାଗ୍ ନ ୫ ଟା, ଚକ୍ଷୁ ବିଭାଗ୍ ନ ଗୁଟେ, ପାଥୋଲୋଜି ବିଭାଗ୍ ନ ୨ ଟା, ରେଡ଼ିଓ ଥେରାପି ବିଭାଗ୍ ନ ୫ ଟା ଆଉ ରେସ୍ପିରେଟୋରୀ ମେଡ଼ିସିନ୍ ବିଭାଗ୍ ନ ୨ ଟା ପିଜି ସିଟ୍ ବଢ଼୍‌ବା ବଲି ଚିଠିଥି ଦର୍ଶାଯାଇଛେ ।

ପିଏମ୍‌ଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ପଠାଣି ସାମନ୍ତ ଗଣିତ ମେଧାବୃତି ପରୀକ୍ଷା-ପିଏମ୍‌ଏସ୍‌ଟି ଆଏବା ଜାନୁଆରୀ ୨୮ ତାରିଖ୍ ଦିନ ହେବା । ୬ ଶ୍ରେଣୀ ଛାତ୍ରଛାତ୍ରୀମାନ୍‌କର୍ ଲାଗି ପିଏମ୍‌ଏସ୍‌ଟି-୧ ଆଉ ୯ ଶ୍ରେଣୀ

ଛାତ୍ରଛାତ୍ରୀଙ୍କର୍ ଲାଗି ପିଏମ୍,ସ୍ଟି-୨ - ଇ ୨ ଟା ଜାକ ପରୀକ୍ଷା ଗୁଟେ ସିଟିଂ ଥି ହେବା ବଲି ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ଇ ପରୀକ୍ଷା ଲାଗି ଇଚ୍ଛୁକ ଛାତ୍ରଛାତ୍ରୀମାନେ ବ୍ଲକ୍ ଶିକ୍ଷା ଅଧିକାରୀ, ନାହେତ ବିଦ୍ୟାଲୟ ସ୍ତର୍ ନ ପ୍ରଧାନ୍ ଶିକ୍ଷକଙ୍କର୍ ଜରିଏ ଆବେଦନ୍ କରିପାର୍ବେ ବଲି ପରିଷଦ୍ ତର୍ଫୁ କୁହାଯାଇଛେ ।

ରାଷ୍ଟ୍ରପତିଙ୍କର୍ ନିମନ୍ତ୍ରଣ		ସୁବର୍ଣ୍ଣପୁର୍

ଆଏବା ସାଧାରଣ ତନ୍ତ୍ର ଦିବସ୍ ସମାରୋହଥି ଖାସ୍ ଅତିଥି ଭାବେ ଯୋଗ୍ ଦେବାର୍ ଲାଗି କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଅର୍କାବେହେଲି ପଡ଼ାର୍ ଝନେ ନିଷ୍ଠାବାନ୍ ସଫେଇ କର୍ମଚାରୀ ରାଜେନ୍ଦ୍ର ପାତ୍ରଙ୍କୁ ରାଷ୍ଟ୍ରପତିଙ୍କର୍ ତର୍ଫୁ ନିଉତା ମିଲିଛେ । ଆଏବା ୨୬ ତାରିଖ୍ ରାଷ୍ଟ୍ରପତି ଭବନ୍ ନ ହେବାର୍କେ ଥିବା ଏଟ୍ ହୋମ୍ ଆତିଥ୍ୟ ସମ୍ମିଲନୀଥି ଶ୍ରୀ ପାତ୍ର ଯୋଗ୍ ଦେବେ । ନିଉତା ପାଏବାର୍ ଉତ୍ରୁ ନିଜର୍ ଖୁସି ଜାହିର୍ କରିଛନ୍ ।
(ଭଏସ୍ ଓଭର୍- ରାଜେନ୍ଦ୍ର ପାତ୍ର)

ଟେକ୍ସ ବାର୍		ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଟେକ୍ସ ବାର୍ ଆସୋସିଏସନ୍ ଆଉ ଅଲ୍ ଓଡ଼ିଶା ଟେକ୍ସ ଆଡ୍‌ଭୋକେଟ୍ ଆସୋସିଏସନ୍‌ର ପହେଲା ଜୋନାଲ୍ ଟେକ୍ସ ସମ୍ମିଲନୀ ସ୍ୱର୍ଣ୍ଣ ସମାଗମ୍ ଭୀମଭୋଇ ମେଡ଼ିକାଲ୍ କଲେଜ୍ ପ୍ରେକ୍ଷାଳୟ ନ ହେଇଯାଇଛେ । ନୂତନ୍ ଭାରତ୍ ଲାଗି କର ସୁଧାର୍ : ନବନୀତା, ସମନ୍ୱୟ ବ୍ୟାଖ୍ୟା ବିଷୟବସ୍ତୁ ଉପ୍‌ରେ ସମ୍ମିଲନୀଥି ଆଲୋଚନା କରାଯାଇଥିଲା । ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଜଷ୍ଟିସ୍ ପ୍ରଶାନ୍ତ କୁମାର୍ ମିଶ୍ର ସମାରୋହଥି ଯୋଗ୍ ଦେଇକରି ଟେକ୍ସର ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା କରିଥିଲେ ।

ରାହାଗିରି      କଲାହାଣ୍ଡି ସମ୍ବାଦଦାତା

୨୮ ନମ୍ବର୍ କଲାହାଣ୍ଡି ଉତ୍ସବ୍- ଘୁମ୍‌ରା -୨୦୨୬ କାର୍ଯ୍ୟକ୍ରମ୍ ଆଘୋନୁ ଆଏଜ୍ ୬ ନମ୍ବର୍ ପଥ ଉତ୍ସବ୍-ରାହାଗିରି ଉଦ୍‌ଘାଟିତ୍ ହେଇଛେ । ଇ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ୨ ହଜାର୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ଯୋଗ୍ ଦେଇକରି ସାମୂହିକ୍ ବନ୍ଦେ ମାତରମ୍ ଗାଇଛନ୍ । ଦିନ୍‌ସାରା ଚାଲିଥିବା ଚିତ୍ରାଙ୍କନ, ମାର୍ସଲ୍ ଆର୍ଟ, ରାଇଫଲ୍ ସୁଟି, ରଙ୍ଗୋଲି, ଖାଦ୍ୟମେଳା ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌କେ ଦର୍ଶକ୍‌ମାନେ ଦେଖିଥିଲେ । ଇ କାର୍ଯ୍ୟକ୍ରମ୍ ସହର୍ ମଝି ନ ଥିବା ଜେଲ୍‌ଛକ୍‌ନୁ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟତକ୍ ଥିବାର୍ ରାସ୍ତାଥି କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଶୀତ୍ ହେଉଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍‌, ଝାର୍‌ସୁଗୁଡ଼ା ଆଉ ଅନୁଗୁଲ୍ ଜିଲ୍ଲା ନ ଶୀତ୍ ବଢ୍‌ବାର୍‌କେ ନେଇକରି ସତର୍କ ସୂଚ୍‌ନା ଜାରି କରାଯାଇଛେ ।